**ଜିଲ୍ଲାପାଳଙ୍କ ବହିଷ୍କାର ଆଦେଶ ହାଇକୋର୍ଟରେ ଖାରଜ**

# ପାଇକବାହାଲ ସରପଞ୍ଚ ପୁନଃ ଅବସ୍ଥାପିତ

ତରଭା, ୨୫।୩(ସମିସ)



ହାଇକୋର୍ଟ ନିର୍ଦ୍ଦେଶରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଇକବାହାଲ ସରପଞ୍ଚ ଭାବେ ଗଣନାଥ ସାହୁ ପୁନଃ ଅବସ୍ଥାପିତ ହୋଇଛନ୍ତି। ଆଜି ଦିନ ୧୨ଟାରେ ସେ ତାଙ୍କ ସମର୍ଥକମାନଙ୍କ ସହ ଡାହିମାଲସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କାର୍ଯ୍ୟରେ ଯୋଗ ଦେଇଥିଲେ। ପ୍ରାୟ ଦେଢବର୍ଷ ହେଲା ପାଇକବାହାଲ ପଞ୍ଚାୟତରେ ଉନ୍ନୟନ କାମ ବନ୍ଦ ହୋଇପଡ଼ିଥିଲା। ଏବେ ଉନ୍ନୟନ କାମ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ପଞ୍ଚାୟତରେ ଲଗାତାର ୩ଟି ବୈଠକ କରି ନ ଥିବା ଅଭିଯୋଗରେ ୨୦୨୪ ସେପ୍ଟେମ୍ବର ୧୨ ତାରିଖରେ ସୋନପୁର ଜିଲ୍ଲାପାଳ ଅନ୍ୟା ଦାସ ଶ୍ରୀ ସାହୁଙ୍କୁ ସରପଞ୍ଚ ପଦରୁ ବହିଷ୍କାର କରିଥିଲେ। ସେହି ନିର୍ଦ୍ଦେଶକୁ ଶ୍ରୀ ସାହୁ ପ୍ରଥମେ ପଞ୍ଚାୟତରାଜ ବିଭାଗ ଓ ପରେ ଓଡ଼ିଶା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାର କରି ୨୦୨୫ ଜୁଲାଇ ୮ ରେ ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇଥିବା ବହିଷ୍କାର ଆଦେଶକୁ ଖାରଜ କରିଥିଲେ। ପଞ୍ଚାୟତରାଜ ବିଭାଗ ୪ ସପ୍ତାହ ମଧ୍ୟରେ ଏହାର ପୁନଃର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ପଞ୍ଚାୟତରାଜ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିଲା। ଗଣନାଥ ପୁଣିଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାର କରି ହାଇକୋର୍ଟ ଗଣନାଥଙ୍କୁ ସରପଞ୍ଚ ଭାବେ ପୁନଃ ଅବସ୍ଥାପିତ କରିବାକୁ ପଞ୍ଚାୟତରାଜ ବିଭାଗକୁ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ଏକ ଘୋଷଣାନାମା ଜାରି କରିଥିଲେ। ଗଣନାଥଙ୍କୁ ସରପଞ୍ଚ ଭାବରେ ପୁନଃ ଅବସ୍ଥାପିତ କରିବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳ (ପତ୍ରସଂଖ୍ୟା-୩୪୫, ତାରିଖ ୨୪।୩।୨୦୨୬) ରେ ଗଣନାଥଙ୍କୁ ସରପଞ୍ଚ ଭାବରେ ପୁନଃ ଅବସ୍ଥାପିତ କରିଛନ୍ତି। ଜିଲ୍ଲାପାଳଙ୍କ ଚିଠି ପାଇଲା ପରେ ଆଜି ଗଣନାଥ ତାଙ୍କ ଶତାଧିକ ସମର୍ଥକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କାର୍ଯ୍ୟରେ ଯୋଗ ଦେଇଥିଲେ। ସେ କୌଣସି ଅପରାଧ କରିନାହାନ୍ତି କି ଅର୍ଥ ତୋଷରପାତ କରିନାହାନ୍ତି। କେବଳ ରାଜନୈତିକ ଚକ୍ରାନ୍ତରେ ତାଙ୍କୁ ବହିଷ୍କାର କରାଯାଇଥିଲା। ଏବେ ସତ୍ୟର ଜୟ ହୋଇଛି ବୋଲି ଶ୍ରୀ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ହାଇକୋର୍ଟରେ ଗଣନାଥ ସାହୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ପ୍ରତୀକ ନାୟକ ମାମଲାକୁ ପରିଚାଳନା କରୁଥିଲେ।

## ରଥ ଯାତ୍ରା ପାଇଁ ପୁରୀ ଗଲା କାଠ



**ବୌଦ୍ଧ, ୨୫।୩(ସମିସ):** ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ପାଇଁ ବୌଦ୍ଧ ଜିଲ୍ଲାରୁ ପୂଜାର୍ଚ୍ଚନା ପୂର୍ବକ ପୁରୀକୁ କାଠ ପଠା ଯାଇଛି। ବୁଧବାର ୫୩ଟି ଅଖନ, ୬୩ଟି ଧଉରା କାଠ ପୁରୀ ପଠାଯାଇଛି। ଏକ ସୁସଜ୍ଜିତ ଟ୍ରକରେ ଏ ସବୁ ଶ୍ରୀକ୍ଷେତ୍ର ପଠାଯାଇଛି। ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଏସିଏଫ ଆଶିଷ ବର୍ଦ୍ଧନ, ମାଧପୁର ରେଞ୍ଜ ଅଧିକାରୀ ଆସିକ ଦିଗାଲ, ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ ଦାସ, ଆଡ଼େଣିଗଡ଼ ସରପଞ୍ଚ ଅଞ୍ଜିତ ପ୍ରଧାନ, ବନପାଳ ଭକ୍ତ ବତ୍ସଳ ମଲ୍ଲିକ, ଅଭିମନ୍ୟୁ ମହାନ୍ତି, ବନରକ୍ଷୀ ଶରତ ଚନ୍ଦ୍ର ନାଏକ, ସାତାରାମ ବେହେରା, ବୀଣାପାଣି ଖମ୍ପା ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ କୁନିଝିଅର ମୃତ୍ୟୁ

**ବୌଦ୍ଧ, ୨୫।୩(ସମିସ):** ବୌଦ୍ଧ ସହର ବୁଟୁପାଲିରେ ସାପ କାମୁଡ଼ାରେ ଗୋଟିଏ କୁନି ଝିଅର ମୃତ୍ୟୁ ଘଟିଛି। ଏହି ଝିଅଟି ହେଉଛି ବଘିଆପଡ଼ା ପାଣ୍ଡି ଅଧୀନ ମଲ୍ଲିକପଡ଼ା ଗ୍ରାମର ବିଶ୍ୱାମିତ୍ର ସୁନାଙ୍କ ୮ ବର୍ଷର ଝିଅ ତେଜଲ। ବିଶ୍ୱାମିତ୍ର ମୁଲ ମଜୁରୀ କରିବା ପାଇଁ ବୁଟୁପାଲିରେ ଆସି ରହୁଥିଲେ। ଏକ ପୋଖରୀ ହୁଡ଼ାରେ ଜରିପାଲ ଟାଣି ସେ ପରିବାର ସହ ରହୁଥିଲେ। ଆଜି ଭୋରରୁ ତେଜଲକୁ ସାପ କାମୁଡ଼ି ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବୌଦ୍ଧ ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୫ ଦିନ ହେଲା ଅନ୍ଧାରରେ ୩୫ ପରିବାର

**ବୌଦ୍ଧ, ୨୫।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଉପାନ୍ତ ପଞ୍ଚାୟତ ହେଉଛି ତଳଗାଁ। ପଞ୍ଚାୟତଠାରୁ ୧ କିଲୋମିଟର୍ ଦୂରରେ ଅବସ୍ଥିତ ବେହେରାସାହି ଗ୍ରାମରେ ପ୍ରାୟ ୩୫ ପରିବାର ବସବାସ କରୁଛନ୍ତି। ଗତ ୧ ତାରିଖରେ ବିଦ୍ୟୁତ ବିଭାଗର କର୍ମଚାରୀ ଏହି ଗାଁକୁ ଆସି ବକେୟା ବିଲ୍ ସଂଗ୍ରହ କରିଥିଲେ। ତେବେ ଗାଁର ଜଣେ ବ୍ୟକ୍ତିଙ୍କ ୫୦/୬୦ ହଜାର ଟଙ୍କା ଭୁଲ୍ ବିଲ୍ ଆସିଛି। ଏତେ ପରିମାଣର ଟଙ୍କା ଦେବାକୁ ସେ ଅକ୍ଷମ। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ସମସ୍ତଙ୍କଠାରୁ ବାକି ଟଙ୍କା ଆଦାୟ କରିଥିଲେ; ହେଲେ ସମ୍ପୃକ୍ତ ବ୍ୟକ୍ତି ଟଙ୍କା ନ ଦେବାକୁ ସମଗ୍ର ଗାଁକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦେଇଥିଲେ। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖା ଦେଇଛି। ଏବେ ଆନ୍ଦୋଳନ ଲାଗି ଲୋକେ ନିଷ୍ପତ୍ତି ନେଇଛନ୍ତି।

## ଠିକାସଂସ୍ଥା ବିରୋଧରେ ଏତଲା

**ଡୁଙ୍ଗୁରିପାଲି, ୨୫।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଲଙ୍ଗଳକଟା ଗ୍ରାମରେ ପାନୀୟ ଜଳ ଯୋଗାଣ ନାଁରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏକ ଠିକା ସଂସ୍ଥା ପକ୍ଷରୁ ଗାଁରେ ଜେସିବି ମାଧ୍ୟମରେ ଗାତ ଖୋଳି ପାଇପ୍ ପୋତା ଯାଇଛି; ହେଲେ ଖୋଳା ହୋଇଥିବା ଜାଗାରେ ଠିକାଦାର ମାଟି ନ ପୋତି ଛାଡ଼ି ଦେଇଛନ୍ତି। ୪ ମାସ ହେବ ଏହା ସେମିତି ପଡ଼ିଛି। ଏଣୁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ଏନେଇ ଲଙ୍ଗଳକଟା ଗ୍ରାମର ଶ୍ୟାମସୁନ୍ଦର ଭୋଇ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଏତଲାରେ ଅନୁରୋଧ କରିଛନ୍ତି।

## ଜନଗଣନା ନେଇ ପ୍ରଶିକ୍ଷଣ

**ବୌଦ୍ଧ, ୨୫।୩(ସମିସ):** ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସର ପଞ୍ଚାୟତ ଭବନରେ ଜନ ଗଣନା ପାଇଁ ନିୟୋଜିତ ହେବାକୁ ଥିବା ସୁପରଭାଇଜର୍ ଓ ଗଣନାକାରୀଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାରପ୍ରାପ୍ତ ଜନ ଗଣନା ଅଧିକାରୀ ତଥା ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପହଞ୍ଚି ପରିଦର୍ଶନ କରିଥିଲେ। ପ୍ରଶିକ୍ଷକ ଭାବେ ବାଉଁଶୁଣୀ ମାହେଶ୍ୱରୀ ଡିଗ୍ରୀ କଲେଜର ଅଧ୍ୟାପକ ବାବାରାମ୍ ଦେହୁରୀ ଓ ବୌଦ୍ଧ ମଡେଲ ଡିଗ୍ରୀ କଲେଜର ଲେବୋରୋଟୋରୀ ଆସିଷ୍ଟାଣ୍ଟ ବିଶ୍ୱ ରଞ୍ଜନ ବେହେରା ପ୍ରଶିକ୍ଷଣ ଦେଇଥିଲେ।

## ତୁଳସୀ ରାମାୟଣ ନବାହ୍ନ ପାରାୟଣ ନିମନ୍ତେ ଦେବ ନିମନ୍ତ୍ରଣ

**କଣ୍ଟାମାଳ, ୨୫।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକଛକ ଶ୍ରୀରାମ ମନ୍ଦିରରେ ଏପ୍ରିଲ ମାସ ୫ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ତୁଳସୀ ରାମାୟଣ, ନବାହ୍ନ ପାରାୟଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଆଜି ମାଙ୍ଗଳିକ ତଥା ଦେବନିମନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ସନତ ମିଶ୍ର ଓ ସହଯୋଗୀ ବାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ଏହା ସମ୍ପନ୍ନ ହୋଇଛି। ସୋନପୁର ଜିଲ୍ଲା ନନ୍ଦନମାଳର ମଧୁସୂଦନ ଦାସ ବ୍ୟାସ ଭାବେ ତୁଳସୀ ରାମାୟଣ କଥା ଶୁଣାଇବେ। ସେହିପରି ସୀତାବିବାହ ଉପଲକ୍ଷେ ବାଣ ରୋଷଣୀ ସହ ବରଯାତ୍ରୀଙ୍କ ବିରାଟ ଶୋଭାଯାତ୍ରା ହେବ। ଆନନ୍ଦଚନ୍ଦ୍ର ପାଢ଼ୀ ଓ ତାଙ୍କ ପତ୍ନୀ ଅନୁପମା ପାଢ଼ୀ ଯଜ୍ଞ କର୍ତ୍ତା ଏବଂ ପୂଜକ ଭାବେ ପଣ୍ଡିତ ସନତ ମିଶ୍ର ଦାୟିତ୍ୱ ତୁଲାଇବେ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ସନ୍ତୋଷ ବିଶି, ବରିଷ୍ଠ ଉପଦେଷ୍ଟା ନବୀନ ବିଶି, ଶରତ ପୁରୋହିତ, ସଦସ୍ୟ ହରିବନ୍ଧୁ ପୁରୋହିତ, ସନ୍ତୋଷ ସାହୁ, ଭୀମସେନ ସ୍ୱାଇଁ, ପ୍ରଦୀପ ପ୍ରଧାନ, ଜୟମହାରଣା, ମନୋଜ ରାଜହଂସ, ଅପର୍ତ୍ତି ପ୍ରଧାନ, ଅରୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୯ ବର୍ଷ ପରେ ଅଭିଯୁକ୍ତ ଗିରଫ



**କଣ୍ଟାମାଳ, ୨୫।୩(ସମିସ):** ଏକ ଗଞ୍ଜେଇ ମାମଲାରେ ଫେରାର ଥିବା ଅଭିଯୁକ୍ତ ୯ ବର୍ଷ ପରେ ଧରା ପଡ଼ିଛି। ଅଭିଯୁକ୍ତ ହେଉଛି କଣ୍ଟାମାଳ ଥାନା ରେଙ୍ଗାଲି ଗ୍ରାମର ବିଷ୍ଣୁ ବେହେରା (୩୫)। ୨୦୧୭ ମସିହାରୁ ସେ ଫେରାର ଥିଲା। ଆଜି କୌଣସି ସୂତ୍ରରୁ ଖବର ପାଇ କଣ୍ଟାମାଳ ପୁଲିସ ତାକୁ ଗାଁରୁ ଗିରଫ କରିଛି। ତା' ନାଁରେ ରାଉରକେଲା ଓ ଫୁଲବାଣୀ କୋର୍ଟରେ ମଧ୍ୟ ୱାରେଣ୍ଟ ଥିବା ଥାନା ଅଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

**ଜହ୍ନାପଙ୍କ, ୨୫।୩(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଗୁଡ଼ୀଆଲି ଗ୍ରାମର ସ୍ୱର୍ଗତ ଦୁର୍ଲ୍ଲଭ ମଲିକଙ୍କ ପତ୍ନୀ ନନ୍ଦିନୀ ଦେହୁରୀଙ୍କୁ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାବଦକୁ ୨ ଲକ୍ଷ ଟଙ୍କା ମିଳିଛି। ବଘିଆପଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଦୁର୍ଲ୍ଲଭଙ୍କ ନାମରେ ୪୩୬ ଟଙ୍କାର ପିଏମଜେଜେବିୱାଇ ହୋଇଥିଲା। ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ପ୍ରଦୀପ ମେହେର ଦୁର୍ଲ୍ଲଭଙ୍କ ପତ୍ନୀ ନନ୍ଦୀନୀଙ୍କୁ ଚେକ୍ ପ୍ରଦାନ କରିଛନ୍ତି। ବ୍ୟାଙ୍କ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଖାଁ, କ୍ୟାସ ଅଫିସର ଅନିକେତ ମହାପାତ୍ର, ଆକାଉଣ୍ଟାଣ୍ଟ ପ୍ରଶାନ୍ତ ଦାସ, ବ୍ୟାଙ୍କ ମିତ୍ର ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଜୈବିକ ପଦ୍ଧତିରେ କୃଷି ସଚେତନତା କାର୍ଯ୍ୟକ୍ରମ



**ଜହ୍ନାପଙ୍କ, ୨୫।୩(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଆମଠାପଡ଼ାରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଜୈବିକ ପଦ୍ଧତିରେ କୃଷି ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକର ବିଭିନ୍ନ ଗ୍ରାମରୁ ଚାଷୀ ଓ ସ୍ୱୟଂ ସହାୟକ ମହିଳାମାନେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପାଳ, ବ୍ଲକ କୃଷି ଅଧିକାରୀ ରାଜେଶ ଚୌଧୁରୀ, ବଘିଆପଡ଼ା ପଞ୍ଚାୟତ ଗ୍ରାମ୍ୟ କୃଷି କର୍ମଚାରୀ ନମିତା ଦିଶ୍ରୀ, ମୁଣ୍ଡାପଡ଼ା ପଞ୍ଚାୟତ ଗ୍ରାମ୍ୟ କୃଷି କର୍ମଚାରୀ ନରସିଂହ ସୁଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ସୁମନ ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସହକାରୀ ବ୍ଲକ ସଂଯୋଜକ ସୁଧୀର ରଞ୍ଜନ ନାୟକ, ସିଆରପି ଧରଣୀଧର ଲଉରିଆ, ଦୁଷ୍ମନ୍ତ ଅମାତ, ସୁଜ୍ଞାନ ପ୍ରଧାନ, ତୁଷାରକାନ୍ତ ମଲ୍ଲିକ, ଉଷାରାଣୀ ମହଲିକ, କମଳିନୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଏଇଏସ୍ କଲେଜରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ମ୍ୟାଚ

**ତରଭା, ୨୫।୩(ସମିସ):** ତରଭା ଏଇଏସ କଲେଜ ଖେଳ ପଡ଼ିଆରେ ବୁଧବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଇଏସ କଲେଜ ଓ କଣ୍ଟାମାଳ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ କଣ୍ଟାମାଳ ଦଳ ୩/୨ ସେଟରେ ବିଜୟୀ ହୋଇଛି। ଅଧ୍ୟାପକ ବିଶ୍ୱପତି ଦାନୀ, ଅଧ୍ୟାପକ ମନୋରଞ୍ଜନ ଭୋଇ, ଅଧ୍ୟାପକ ପ୍ରଦ୍ୟୁମ୍ନ ସାହୁ ଓ ଅଧ୍ୟାପକ ବିଭୀଷଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। କଲେଜ ପିଇଟି ସଞ୍ଜୀବ ସାହୁ ଓ ରାମ ନାଏକ ଖେଳ ପରିଚାଳନା କରିଥିଲେ।

## ସ୍କୁଲ ଯିବାକୁ ଘର ଘର ବୁଲି ସଚେତନ କରୁଛନ୍ତି ବିଇଓ



**ଡୁଙ୍ଗୁରିପାଲି, ୨୫।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଶିଶୁ ବାଟିକା ଶ୍ରେଣୀରେ ନାମ ଲେଖାଯିବ। ଏଥିଲାଗି ଅପ୍ରେଲ ମାସ ୨ ତାରିଖ ଦିନ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ନିକଟସ୍ଥ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଘରକୁ ଘର ଯାଇ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ନିଜେ ନିମନ୍ତ୍ରଣ କାର୍ଡ ବଣ୍ଟନ କରି ଅଭିଭାବକଙ୍କୁ ସଚେତନ କରିଛନ୍ତି। ଏହି କାର୍ଡ ବଣ୍ଟନ ସମୟରେ ଚିନାଜୁରି ସିଆରସିସି ରମେଶ ଭୋଇ, ଇଛାପୁର ସିଆରସିସି ସୁଧାଂଶୁ ଶେଖର ସାହୁ ଉପସ୍ଥିତ ଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ୟାସଦେବ ଭୋଇ, ୱାର୍ଡ ସଭ୍ୟା ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ସହଯୋଗ କରିଥିଲେ। ଠିକ୍ ସେହିପରି ଲୁଡ୍ଡୁକିବେଡ଼ାରେ ନିମନ୍ତ୍ରଣ କାର୍ଡ ବଣ୍ଟନରେ ଲୁଡ୍ଡୁକିବେଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ପୂଜାରୀ, ଶିକ୍ଷକ ଶିଶିର ପଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ବଡ଼ଜୋରରେ ବର୍ଷେ ହେଲା ପାନୀୟ ଜଳ ଯୋଗାଣ ହେଉନି

**ତରଭା, ୨୫।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କମସରା ପଞ୍ଚାୟତ ବଡଜୋର ଗ୍ରାମରେ ବର୍ଷେ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ବ୍ଲକର ଏହି ଉପାନ୍ତ ଗାଁ ୩ଟି ୱାର୍ଡରେ ବିଭକ୍ତ ଏବଂ ଜନସଂଖ୍ୟା ୧୧୭୫। ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବସୁଧା ଯୋଜନାରେ ଗୋଟିଏ ଗଭୀର ନଳକୂପ ଖୋଳାଯାଇଛି। ଓଭରହେଡ ଟ୍ୟାଙ୍କରୁ ପାଇପ ଲାଇନ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା ରହିଛି। ବର୍ଷେ ହେବ ଗୋଟିଏ ଭାଲବ ଖରାପ ହୋଇଯିବାରୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଗ୍ରାମର ୱାର୍ଡ ସଭ୍ୟ ବାବୁଲାଲ ମୁଦୁଲି, ସ୍ୱାଧୀନ ଦଲବେହେରା, ରତନ କୁଅଁର, ରବି ପ୍ରଧାନ, କ୍ଷୀରୋଦ୍ର ଦ୍ୱାରି, ଇଣ୍ଡି ନାଏକ, ବିଶ୍ୱେଶ୍ୱର ନାଏକ ପ୍ରମୁଖଙ୍କ ସହ ଆଲୋଚନା ବେଳେ ଜଳ ଯୋଗାଣ ବନ୍ଦ ଥିବା ଜଣା ପଡ଼ିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଜଳ ଯୋଗାଣ ବନ୍ଦ ହେବାପରେ ସେମାନେ ପଞ୍ଚାୟତକୁ ଅବଗତ କରିଥିଲେ; ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଏ ନେଇ ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ପ୍ରାୟ ଏକ ମାସ ହେବ ଜଳଯୋଗାଣ ବନ୍ଦ ଥିବା ସରପଞ୍ଚ ତାଙ୍କୁ ସୂଚନା ଦେଇଛନ୍ତି। ଜଳଯୋଗାଣ କେନ୍ଦ୍ରର ଏକ ଭାଲବ ଖରାପ ହୋଇଛି। ତାହା ବାହାରୁ ମଗାଯାଇଛି। ଶୁକ୍ରବାର ସୁଦ୍ଧା ଜଳଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବଡ଼ଜୋର ଗ୍ରାମରେ ଥିବା ମୋଟ ୬ଟି ନଳକୂପ ମଧ୍ୟରୁ ୪ଟି ଅଚଳ ହୋଇ ପଡ଼ିଛି। ଏଣୁ ପ୍ରବଳ ଗ୍ରୀଷ୍ମପ୍ରବାହରେ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି।

## ଧଳପୁର ପଞ୍ଚାୟତରେ ସଫେଇ ଅଭିଯାନ

**ହରଭଙ୍ଗା, ୨୫।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଧୀନ ଧଳପୁର ପଞ୍ଚାୟତରେ ସଫେଇ ଅଭିଯାନ ଆରମ୍ଭ ହୋଇଛି। ସରପଞ୍ଚ ସୁଜାତା କର୍ଣ୍ଣଙ୍କ ନେତୃତ୍ୱରେ ଗ୍ରାମଗୁଡିକରେ ସଫେଇ କାର୍ଯ୍ୟକ୍ରମ ହୋଇଛି। ଧଳପୁର ପଞ୍ଚାୟତର ଧଳପୁର, ବୁଢୀକଣ, କଙ୍କଲା, ବେଲପଦର, ସାକୁସିଙ୍ଗା ଓ ଖରସଙ୍କୁଲେଇରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଗ୍ରାମ ଗୁଡିକର ରାସ୍ତା, ନଳକୂଅ, ଗୁଡ଼ୀଘର ଚାରିପାର୍ଶ୍ୱ ଭଳି ସ୍ଥାନଗୁଡିକୁ ସଫା କରାଯାଇଥିଲା। ଏହି ଅଭିଯାନରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି ପାଇଛି। ନାଏବ ସରପଞ୍ଚ ଦୁଃଖିଶ୍ୟାମ ବେହେରା, ୱାର୍ଡ ସଭ୍ୟ ଗିରିଧାରୀ ବେହେରା, ସିଆରପି ନମିତା ମହାକୁଡ଼, କ୍ଷିତିସୁତା ଭୋକ୍ତା, ରାକ୍ଷୀ ଘଡେଇ, ଇସି ମେମ୍ବର ପ୍ରଭାତୀ ମହାକୁଡ଼, ପ୍ରାଞ୍ଜଳି ପ୍ରଧାନ, ପୁଷ୍ପାଞ୍ଜଳି ନାୟକ ଓ ଆଶାକର୍ମୀ ବାସନ୍ତୀ ଥାଟିଙ୍କ ସମେତ ୮୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ।




**● ଜିଲ୍ଲାସ୍ତରୀୟ ବୃହତ ନାମଲେଖା ଶିବିର ଓ ଶିକ୍ଷା ସମୀକ୍ଷା ବୈଠକ**

## ନାମ ଲେଖାଇଲେ ପାଠ ଛାଡିଥିବା ୩୬ ଛାତ୍ରଛାତ୍ରୀ

**ବୌଦ୍ଧ, ୨୫।୩(ସମିସ):** ସ୍ଥାନୀୟ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅଧୀନ ଜିଲ୍ଲାସ୍ତରୀୟ ବୃହତ ନାମଲେଖା ଶିବିର ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣରୁ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ରାଜ୍ୟ ମୁକ୍ତବିଦ୍ୟାଳୟ ଅନୁଷ୍ଠାନ ଓ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ମାଗଣାରେ ନାମଲେଖାଇ ପୁନଃ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତି କରିବା ନିମନ୍ତେ ଏହି ନାମଲେଖା ଶିବିର ଆୟୋଜନ କରାଯାଇଥିଲା। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ପରିଚାଳିତ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ କେନ୍ଦ୍ରରେ ୨୭ ଜଣ ଓ ସ୍ଥାନୀୟ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ପରିଚାଳିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ନେତୃତ୍ୱରେ ଏହା ସମ୍ପାଦିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ଶିକ୍ଷା ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଅତିରିକ୍ତ ଜିଲ୍ଲା ଅଶିକ୍ଷାଧିକାରୀ ଭାସ୍କର ଲେଙ୍କା ଯୋଗ ଦେଇଥିଲେ। ନୂତନ ଶିକ୍ଷା ବର୍ଷ ପାଇଁ ନାମଲେଖା, ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥ ପରିକ୍ରମା ବିଷୟରେ ଆଲୋଚନା କରିଥିଲେ। ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ଓ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ରଞ୍ଜନ ମାଲି ବ୍ଲକସ୍ତରୀୟ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏବିଇଓ କାମଳକାନ୍ତ ଦଳବେହେରା ଧନ୍ୟବାଦ ଦେଇଥିଲେ। ଜିଲ୍ଲାର ୬୦ଟି କ୍ଲଷ୍ଟରର ସିଆରସିସି, ସମସ୍ତ ଏବିଇଓଙ୍କ ସମେତ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




**ସୋନପୁର ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ**

## ଯକ୍ଷ୍ମା ଲକ୍ଷଣ ଦେଖାଦେଲେ ହେଳା କରିବା ଅନୁଚିତ

ତରଭା, ୨୫।୩(ସମିସ)




- ● ଆଶାକର୍ମୀଙ୍କ ପାଖକୁ ଯାଇ କଫ ପରୀକ୍ଷା କରାଇ ନେବା ଆବଶ୍ୟକ
- ● ଔଷଧ ସେବନ କଲେ ଜଣେ ରୋଗୀ ସୁସ୍ଥ ହୋଇଯିବ

ସୋନପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ତାଲିମ ଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଛି। ଯକ୍ଷ୍ମା ରୋଗର ଲକ୍ଷଣ ଦେଖାଗଲେ ହେଳା ନ କରି ତୁରନ୍ତ ଆଶାକର୍ମୀଙ୍କ ପାଖକୁ ଯାଇ କଫ ପରୀକ୍ଷା କରାଇ ନେବା ଆବଶ୍ୟକ। ଯଦି ପଜିଟିଭ ଜଣାପଡେ ତେବେ ଚିନ୍ତା ନ କରି ତୁରନ୍ତ ପୂର୍ଣ୍ଣ ମାତ୍ରାରେ ଔଷଧ ସେବନ କଲେ ଜଣେ ରୋଗୀ ସୁସ୍ଥ ହୋଇଯିବ ବୋଲି ଏଥିରେ କୁହାଯାଇଛି।

ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବିପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡାକ୍ତର ପଦ୍ମହଂସ ଦୋରା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ ମହାପାତ୍ର, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧୀକ୍ଷକ ସ୍ମିତାଶ୍ରୀ ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ଆଶାକର୍ମୀ, ନର୍ସିଂ ସ୍କୁଲର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ୧୦ ଜଣ କୃତୀ ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଶ୍ୟାହେଲି ହାଲଦାର, ମଧୁସ୍ମିତା କର, ସମୀର ସାହୁ, ଦୁଲେଶ୍ୱର ବେହେରା, ଦେବାଶିଷ ମିଶ୍ର, ଦେବବ୍ରତ ନାଏକ ଓ ବିବେକାନନ୍ଦ ରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜ୍ଞାନଜିତ୍ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶକ୍ତି ମଣ୍ଡପରେ ବାସନ୍ତିକ ଦୁର୍ଗାପୂଜା

**ଧର୍ମଗଡ଼, ୨୫ ।୩(ସମିସ):** ସାର୍ବଜନୀନ ଦୁର୍ଗା ପୂଜା କମିଟି, ଶକ୍ତିମଣ୍ଡପ-ଧର୍ମଗଡ଼ ପକ୍ଷରୁ ମା'ଦୁର୍ଗାଙ୍କ ଚୈତ୍ର କାଳୀନ ବାସନ୍ତିକ ଦୁର୍ଗାପୂଜା ଶକ୍ତିମଣ୍ଡପରେ ୧୩ତମ ବର୍ଷ ପାଇଁ ମହାସମାରୋହରେ ଚାଲିଛି। ପ୍ରତ୍ୟେକ ସନ୍ଧ୍ୟା ୭ଘଣ୍ଟା ସମୟରେ ସାନ୍ଧ୍ୟ ମହାଆଳତୀ ଆଳତି ଦର୍ଶନ ଓ ପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଛି। ସୂଚନା ଯୋଗ୍ୟ ଯେ, ଆଜି ଠାରୁ ମଣ୍ଡପରେ ଅଞ୍ଚଳରେ ଚୈତ୍ର କାଳୀନ ବାସନ୍ତିକ ଦୁର୍ଗାପୂଜା ଯୋଗୁଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି।ସ୍ଥାନୀୟ ସାର୍ବଜନୀନ ଦୂର୍ଗା ପୂଜା କମିଟି ପକ୍ଷରୁ ଧର୍ମଗଡ଼ ଶକ୍ତି ମଣ୍ଡପରେ ମାଁ ଦୁର୍ଗାଙ୍କ ଚୈତ୍ର ନବ ରାତ୍ର ପୂଜା ଚାଲିଛି। ମଙ୍ଗଳବାର ସନ୍ଧ୍ୟାରେ ବିଲ୍ୱବରଣ, ଆଜି ସପ୍ତମୀରେ ମା'ଙ୍କ ମୁଖ ଦର୍ଶନ ସହ ପୂଜାରମ୍ଭ ହୋଇଥିଲା।



ଅଷ୍ଟମୀରେ ସନ୍ଧି ପୂଜା ଏବଂ ପ୍ରତ୍ୟହ ଚଣ୍ଡୀ ପାଠ ସହ ହୋମ କରାଯାଉଛି। ୨୮ ତାରିଖ ଦଶମୀରେ ପୂର୍ଣ୍ଣାହୁତି ପରେ ବିସର୍ଜନ କରାଯିବ ବୋଲି ଆୟୋଜକ କମିଟିର ସଭାପତି ଭବାନୀ ଚରଣ ଦାସ ପ୍ରକାଶ କରିଛନ୍ତି। ମୁଖ୍ୟ ପୂଜକ ନିତ୍ୟାନନ୍ଦ ପତି ଓ ସହଯୋଗୀ ପୂଜକ ସୁଧାଂଶୁ ଶେଖର ରୂପ ପୂଜା ଦାୟିତ୍ୱ ତୁଲାଉଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୫ ତାରିଖ ଦିନ ବୋରଗୁଡା ଗ୍ରାମର ନାଟକ ରଖାଯାଇ ଥିବା ବେଳେ ୨୭ ତାରିଖ ଦିନ ଟୁକେଲ୍ ଦଣ୍ଡ ନୃତ୍ୟ ପରିବେଷିତ ହେବ। କର୍ତ୍ତାଭାବେ ପ୍ରଭାତୀ ପଣ୍ଡା ଓ କୃପାସିନ୍ଧୁ ପଣ୍ଡା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ କୁମାର ମେହେର, ସୁମନ୍ତ ପଣ୍ଡା, ବସନ୍ତ ଠାକୁର, ଅନିରୁଦ୍ଧ ଲହଜଲ ପ୍ରମୁଖ ସହଯୋଗ କରୁଛନ୍ତି।

# ବ୍ଲକ୍ ସମ୍ମୁଖରେ ଟିମନପୁର ପଞ୍ଚାୟତବାସୀଙ୍କ ଧାରଣା

**ସିନାପାଲି, ୨୫ । ୩(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୫ଦଫା ଦାବି ନେଇ ଟିମନପୁର ପଞ୍ଚାୟତବାସୀ ଧାରଣାରେ ବସିଥିଲେ। ସମାଜସେବୀ ପଦ୍ମନାଭ ଜଗତଙ୍କ ନେତୃତ୍ୱରେ ଲୋକେ ବିଭିନ୍ନ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକାଶ ଯେ ଟିମନପୁର ପଞ୍ଚାୟତରେ ପ୍ରାୟ ଦୁଇକୋଟି ଟଙ୍କାର ପ୍ରୋଜେକ୍ଟ ୨୦୨୨ମସିହାରୁ ଠପ ହୋଇ ପଡ଼ିଛି। ସେଥିମଧ୍ୟରୁ ବ୍ଲକ ତଥା ଜିଲ୍ଲା ପ୍ରଶାସନର ଅବହେଳା ଅପାରଗତା ଯୋଗୁଁ କେତେ ଗୁଡିଏ ଫାଇଲ ବନ୍ଦ ହୋଇ ସାରିଥିବା ବେଳେ କେତେ ଗୁଡିଏ ଫାଇଲ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଗତ ୨୦୨୫ ମସିହା ଠାରୁ ପଞ୍ଚାୟତ ପିଇଓ, ଜିପିଓ, ବିଡିଓ, ଜେଇ, ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତବାସୀ ଅବଗତ କରିଛନ୍ତି। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବର୍ଷ ବର୍ଷ ବିତିଗଲା ପରେ ମଧ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନଥିବା ବେଳେ ତାର ତଦନ୍ତ ମଧ୍ୟ ହୋଇନାହିଁ। ଜଣେ ଶିକ୍ଷକଙ୍କୁ ଠିକାରେ ନିଯୁକ୍ତି କରି ପଞ୍ଚାୟତକୁ ଅଣଦେଖା କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପଞ୍ଚାୟତବାସି ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି। ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ ଦେଲାପରେ ବିକୌଣସି କାର୍ଯ୍ୟ ନହେବାରୁ ବାଧ୍ୟ ହୋଇ ଲୋକେ ସିନାପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଅସନ୍ତୁଷ୍ଟ ପ୍ରକାଶ ପାଉଛି। ଦାବି ଅନୁସାରେ ଜାଣିଶୁଣି ଜଣେ ଶିକ୍ଷକଙ୍କୁ ଠିକା ଦାୟିତ୍ୱ ଦେଇଥିବା ବିଡିଓଙ୍କୁ ବହିଷ୍କାର କରାଯାଉ। ନିଜର ଲାଭ ପାଇଁ କ୍ଷମତାର ଦୁରୁପଯୋଗ କରୁଥିବା ବିଡିଓଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଟିମନପୁର ପଞ୍ଚାୟତ ପିଇଓ, ସରପଞ୍ଚ ଓ ସମିତିସଭ୍ୟଙ୍କୁ ସୋକଜ୍ ନୋଟିସ କରାଯାଉ। ଶିକ୍ଷକଙ୍କୁ ଦାୟିତ୍ୱ ଦେଇଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଗୁଡିକକୁ ଗ୍ରାମସଭାରେ ବିଚାର କରି ସମ୍ପାଦନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ। କାର୍ଯ୍ୟରେ ଅବହେଳା କରୁଥିବା ଜେଇକୁ ଅନ୍ୟତ୍ର ବଦଳିକରି ଅନ୍ୟ ଜେଇ ଙ୍କୁ ଦାୟିତ୍ୱ ଦିଆଯାଉ ବୋଲି ଦାବୀ ପତ୍ରରେ ଉଲ୍ଲେଖ କରିଛନ୍ତି। ଦିର୍ଘ ସମୟ ଧରି ଆନ୍ଦୋଳନ ଜାରି ରହିଥିବା ବେଳେ ଆନ୍ଦୋଳନ କାରି ପ୍ରଶାସନ ଉପରେ ବିଭିନ୍ନ ନାରାବାଜି କରିଥିଲେ। ଟିମନପୁର ପଞ୍ଚାୟତରେ ବର୍ତ୍ତମାନ ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ବେଳେ ପ୍ରଶାସନକୁ ସମ୍ପୂର୍ଣ୍ଣ ଭାବେ ଆନ୍ଦୋଳନକାରି ଦାୟି କରିଛନ୍ତି। ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ଆକାଉଣ୍ଟ ଅଫିସର ସ୍ୟମରନ କୁମାର ଜାଲଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ନେବାକୁ ଆନ୍ଦୋଳନକାରି ଦାବି କରିଛନ୍ତି। ଧାରଣାରେ ସମାଜସେବୀ ପଦ୍ମନାଭ, ସୁବାସ ମେହେର, ଦିଗାମ୍ବର ତାଣ୍ଡି, ଶ୍ୟାମଲାଲ ତାଣ୍ଡି, ଧର୍ମେନ୍ଦ୍ର ପଣ୍ଡା, ଜୟ ତାଣ୍ଡି, ମଣ୍ଟୁ ଜଗତ, ଟଙ୍କଧର ଦିପ, ନାରାୟଣ ନାଗ, ମୋହନ ଜଗତ, ଟୁଟୁ ନାଗ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।




**ବିକାଶମୂଳକ କାର୍ଯ୍ୟ ପାଇଁ ଗର୍ଜିଲେ**

# ଦିବ୍ୟାଙ୍ଗ ମହିଳାଙ୍କୁ ଦୁର୍ଷ୍କର୍ମ ଉଦ୍ୟମ, ଦୋଷୀକୁ ୮ ବର୍ଷ ଜେଲ

**ଧର୍ମଗଡ଼, ୨୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅଞ୍ଚଳରେ ଗତ ୨୩.୮.୨୦୨୨ ତାରିଖ ବିଳମ୍ବିତ ରାତ୍ରିରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ବାସଗୃହରେ ପ୍ରବେଶ କରି ବଳାତ୍କାର ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ଆଜି ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରା ଜଜ ସୁରେଶ ଚନ୍ଦ୍ର ପ୍ରଧାନ ୮ ବର୍ଷ ସଶ୍ରମ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ଅଞ୍ଚଳର ବିସିକେଶନ ମଲ୍ଲିକ ଦିବ୍ୟାଙ୍ଗ ମହିଳାଙ୍କ ବାସଗୃହର ଛାତ ଖପର ଭାଙ୍ଗି ଭିତରକୁ ଯାଇ ଧର୍ଷଣ ଉଦ୍ୟମ କରିଥିଲା। ଏହି ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଅଭିଯୁକ୍ତ ଜଣକ ଫେରାର ମାରିଥିଲା। ଏହାକୁ ନେଇ ପରିବାର ପକ୍ଷରୁ ଜୁନାଗଡ଼ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତି କରି ଜୁନାଗଡ଼ ପୁଲିସ ଥାନା କେଶ ନମ୍ବର ୩୫୯/୨୦୨୨ରେ ଅଭିଯୁକ୍ତ ବିସିକେଶନ ମଲ୍ଲିକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାର ଅତିରକ୍ତ ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଜଜ ସୁରେଶ ଚନ୍ଦ୍ର ପ୍ରଧାନ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ବିସିକେଶନ ମଲ୍ଲିକକୁ ୮ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ପ୍ରଶାନ୍ତ ତନ୍ତୀ ପରିଚାଳନା କରିଥିଲେ।



# ବିଜୁ ଜନତା ଦଳର ସାଂଗଠନିକ ବୈଠକ

**ଧର୍ମଗଡ଼, ୨୫ ।୩(ସମିସ):** ଧର୍ମଗଡ଼ ବ୍ଲକ ସନ୍ଧିକୁଲିହାରି ଆମ୍ବ ବଗିଚା ଠାରେ ବିଜେଡିର ଧର୍ମଗଡ଼ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଡାକେ ଲହଜଲଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ ଉପସ୍ଥିତ ଥିଲେ। ବୈଠକରେ ବୁଥ୍ ଲେବୁଲ ଏଜେଣ୍ଟ ଚୟନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନେତା ସ୍ୱର୍ଗତ ମହେନ୍ଦ୍ର ପ୍ରଧାନୀଙ୍କ ସ୍ମୃତିରେ ଶୋକ ସଭା ମଧ୍ୟ ଆୟୋଜିତ ଥିଲା। ବୈଠକରେ ସଭାନେତ୍ରୀ ମମତା ଗୋପାଳ, ଜିଲ୍ଲାପରିଷଦ ସଦସ୍ୟ ଶଙ୍କର ଜଏଡ, ଏନ୍ଏସିରେ ସଭାପତି ମଦନ ନାଏକ, କାଉନସିଲର ମୁନିରାମ ମାଝୀ ମମତା ବାଗ, ସନ୍ତୋସିନି ନାଏକ, ଜ୍ୟୋତିର୍ମୟୀ ମହାନନ୍ଦ ଓ ଯୁବ ଓ ଛାତ୍ର ସଭାନେତ୍ରୀ ସହ ବହୁ କର୍ମୀ ଉପସ୍ଥିତ ଥିଲେ।ବୈଠକରେ ଯୁବ ଓ ଛାତ୍ର କର୍ମୀମାନଙ୍କ ସଂଗଠନକୁ କିପରି ଆହୁରି ସୁସଂଗଠିତ ଓ ସକ୍ରିୟ କରାଯିବ ଆଲୋଚନା କରାଯାଇ ଥିଲା।ଏହାସହ ଆଗାମୀ ଦିନରେ ବିଜୁ ଜନତା ଦଳର କାର୍ଯ୍ୟଯୋଜନା ଓ ଗ୍ରାମସ୍ତରରେ ଦଳକୁ କିପରି ଆହୁରି ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ବରିଷ୍ଠ ନେତା ସନ୍ତୋଷ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



# ନାରୀ ସୁରକ୍ଷା, ଲିଙ୍ଗ ସମସ୍ୟା ଉପରେ ଗୁରୁତ୍ୱ

**ଭବାନୀପାଟଣା, ୨୫ ।୩ (ସମିସ):** ଭବାନୀପାଟଣା ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଟାଉନହଲ୍ ଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ସମାଜ କଲ୍ୟାଣ ଅଧିକାରିଣୀ ସୁମିତା ଦେବୀ ତ୍ରିପାଠୀ, ଶିଶୁ କଲ୍ୟାଣ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ମହିଳା ନେତ୍ରୀ ସୁଭାସିନୀ ପାତ୍ର ଓ ସନ୍ତୋଷିନୀ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଭବାନୀପାଟଣା ସଦର, କଳମପୁର ଓ ଧର୍ମଗଡ଼ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀମାନଙ୍କୁ ବାଲ୍ୟ ବିବାହ ନିରାକରଣ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ପାଇଁ ସମ୍ମାନିତ କରାଯାଇଥିଲା ଏବଂ ସ୍ୱର୍ଣ୍ଣଲତା ମହାନ୍ତିଙ୍କୁ ଶିଶୁଙ୍କ ପାଇଁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଥିବା ହେତୁ ସମ୍ମାନିତ କରାଯାଇଥିଲା। ତାଲିମଦାତା କୁମାର ନନ୍ଦ, ଭାରତ ଭୂଷଣ ପଣ୍ଡା, ଶୈଳେନ୍ଦୁ ଶେଖର ମହାପାତ୍ର ଏବଂ ସ୍ୱର୍ଣ୍ଣଲତା ମହାନ୍ତି ଲିଙ୍ଗ ସମସ୍ୟା, ଲିଙ୍ଗ ଭିତ୍ତିକ ହିଂସା, ନାରୀଙ୍କ ଆଇନୀ ଅଧିକାର ଓ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଘରୋଇ ହିଂସା, ଯୌତୁକ ପ୍ରଥା ନିଷେଧ ଆଇନ, ଡାଇନି ପ୍ରଥା ବିରୋଧୀ ଆଇନ, ପୋକସୋ ନିୟମ, ପୋଶ ଆକ୍ଟ ଓ ହେଲ୍ପଲାଇନ୍ ସମ୍ପର୍କରେ ଜଣାଇଥିଲେ। ପ୍ରୋଟେକ୍ସନ୍ ଅଫିସର ସନ୍ଧ୍ୟାରାଣୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମଜିବୁନ ନିଶା ସ୍ୱାଗତ ଭାଷଣ ରଖିଥିବା ବେଳେ ସମାଜ କଲ୍ୟାଣ ଅଧିକାରିଣୀ ସୁଚିତା ତ୍ରିପାଠୀ ଧନ୍ୟବାଦ ଜଣାଇଥିଲେ। ୱମେନ ହବ ଏବଂ ୱାନ ଷ୍ଟପ ସେଣ୍ଟରର ସଦସ୍ୟମାନେ ମଧ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ୍, କଲେଜ ଛାତ୍ରଛାତ୍ରୀ, ଏସଏଚ୍‌ଜି ନେତୃତ୍ୱ, ମିଡିଆ ପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଗଣ ଯୋଗ ଦେଇଥିଲେ।




**ଆଇନ ସଚେତନତା କାର୍ଯ୍ୟକ୍ରମ**

# ଅବକାରୀ ଚଢ଼ଉରେ ୨ ଗିରଫ

**କୋକସରା, ୨୫ ।୩(ସମିସ):** କୋକସରା ଅବକାରୀ ଥାନା ଅଧିକାରୀ ଗୁପ୍ତେଶ୍ୱର ପୁଟେଲଙ୍କ ନେତୃତ୍ୱରେ ବୁଧବାର କୋକସରା ଥାନା ବାଙ୍କିମୁଣ୍ଡା ଓ ଆମପାଣି ଥାନା ସାନପୋଡାଗୁଡା ଗ୍ରାମରେ ଚଢ଼ାଉ କରି ଖଜୁରୀ ତାଡି ଓ ଦେଶୀ ମଦ ଜବତ ସହ ଦୁଇ ଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ଯରା ଭେଙ୍କାନା(୪୪) ଓ ବଭିଷଣ ପୁଝାରୀ(୩୮) ବୋଲି ଜଣାପଡ଼ିଛି। ବାଙ୍କୀମୁଣ୍ଡା ଗ୍ରାମରୁ ଯେରା ଭେଙ୍କାନା ଠାରୁ ୨୦ ଲିଟର ଖଜୁରୀ ତାଡି ଜବତ କରାଯାଇଥିବା ବେଳେ ସାନପୋଡାଗୁଡା ଗ୍ରାମରୁ ବଭିଷଣ ପୁଝାରୀଙ୍କ ଠାରୁ ୯ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ୍ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେମାନଙ୍କୁ କୋର୍ଟରେ ଜାମିନ ହୋଇଥିବା ସୂଚନା ମିଳିଛି।ଚଢ଼ାଉରେ ଅବକାରୀ ଓଆଇସି ଶ୍ରୀ ପୁଟେଲ ସହିତ ସୁରେଶ ଭୋଇ, ଖୁସିଦେବ କଟା, ମହାଦେବ ମାଝୀ, ବଳଭଦ୍ର ପାତ୍ର, ଅରୁଣାକ୍ଷ ଧଙ୍ଗଡ଼ାମାଝୀ, ରବି ନାଗ, ଜଶୋବନ୍ତ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

# ବିଶାଖାପାଟଣାକୁ ଗଡ଼ିଲା ଓଏସ୍ଆରଟିସି ବସ୍

**ଜୟପାଟଣା, ୨୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳବାସୀଙ୍କ ପାଇଁ ଖୁସିର ଖବର। ଦୀର୍ଘ ଦିନର ଦାବି ପରେ ଶେଷରେ ଜୟପାଟଣାରୁ ବିଶାଖାପାଟଣାକୁ ସିଧାସଳଖ ଓଡି୩୩ଏ ଡବ୍ଲୁ -୦୫୭୦ ଓଏସ୍ଆରଟିସି ବସ୍‌ସେବା ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଉପସ୍ଥିତ ବିଜେଡି କର୍ମୀ ଓ ଜନସାଧାରଣ ସବୁଜ ପତାକା ଦେଖାଇ ବସ୍‌କୁ ଶୁଭାରମ୍ଭ କରିଛନ୍ତି।ବସ୍ ଚଳାଚଳ ଫଳରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।ଏହି ଅଞ୍ଚଳର ଅଧିକାଂଶ ଲୋକ ଉନ୍ନତ ଚିକିତ୍ସା ପାଇଁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପରେ ନିର୍ଭର କରନ୍ତି। ପୂର୍ବରୁ ସିଧାସଳଖ ବସ୍ ସେବା ନଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ।ବର୍ତ୍ତମାନ ସରକାରୀ ବସ୍ ଚଳାଚଳ ଦ୍ୱାରା ଯାତ୍ରୀମାନେ ବିନା କୌଣସି ହଇରାଣରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ସରକାର ପଦକ୍ଷେପ ନେଇଥିବାରୁ ଜୟପାଟଣାବାସୀ ପ୍ରଶାସନ ଓ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

# ଗୋଡ଼ାଲ ନନୀ ମାଁଙ୍କ ଚୈତ୍ର ପର୍ବ

**ସିନାପାଲି, ୨୫ ।୩ (ସମିସ):** ଝୁଣା ଧୂପ ଦୀପ ନୈବେଦ୍ୟରେ ମହକୁଛି ସାରା ଗାଁ। ଘଣ୍ଟ ଘଣ୍ଟି ସାଙ୍ଗକୁ ମା'ଙ୍କ ଦେବୀ ବାଦ୍ୟର ତାଳେତାଳେ ମା'ନାନୀ ମା'ଙ୍କ ଘଟ ପରିକ୍ରମାରେ ଶହ ଶହ ଜନସାଧାରଣ ସାମିଲ ହୋଇଥିଲେ। ଗାଁ ସାରା ଉତ୍ସବ ମୁଖର ହୋଇ ଆଧ୍ୟାତ୍ମିକେ ପରିବେଶରେ ସମସ୍ତେ ସାମିଲ ହୋଇ ମା'ଙ୍କ ପାଖରେ ଆଶିଷ ଭିକ୍ଷା କରିଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାକ ଅଞ୍ଚଳ ର ସଂସ୍କୃତି, ପରମ୍ପରା ଏକତା ଓ ବିଶ୍ୱାସର ପ୍ରତୀକ ମା' ନନୀ ଦେଈଙ୍କ ଚୈତ୍ର ପର୍ବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଗାଁ ସାରା ରଙ୍ଗୀନ ଆଲୋକ ମାଳାରେ ସଜାଯିବା ସହ ମା'ଙ୍କ ଆବାହନରେ ପ୍ରକମ୍ପିତ ହୋଇ ଉଠିଥିଲା। ଗୋଡ଼ାଳ ଗାଁ ବସ୍ତିରେ ଥିବା ଛତର ମନ୍ଦିର ଠାରୁ ପୂଜାର୍ଚ୍ଚନା ପରେ ଘଟ ବାହାରି ଗାଁ ପରିକ୍ରମା କରିଥିଲେ। ଘରେ ଘରେ ମା'ଙ୍କ ଘଟ କଳସକୁ ବନ୍ଦାପନା କରି ଆଶିଷ ଭିକ୍ଷ କରିଥିଲେ। ପରେ ଦେବୀଙ୍କ ଆବିର୍ଭାବସ୍ଥଳ ବାହାଲ ଗୁଡ଼ିରେ ରାତ୍ରି ସମୟରେ ଜେନା ବଳି ଦିଆଯାଇଥିଲା। ମାନସିକ ଧାରୀମାନେ ଅଧିଆ ପଡ଼ିବା ସହ ଅପୁତ୍ରିକ ନାରୀ ପୁତ୍ର ପ୍ରାପ୍ତି କାମନା କରିଥିଲେ।



# ଯକ୍ଷ୍ମା ମୁକ୍ତ ୧୦୦ ଦିନିଆ ଅଭିଯାନ ୨.୦ର ଶୁଭାରମ୍ଭ

**ଭବାନୀପାଟଣା, ୨୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଯକ୍ଷ୍ମା ମୁକ୍ତ ଭାରତ ୧୦୦ ଦିନିଆ ଅଭିଯାନ ୨.୦ର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ୧୦୦ ଦିନିଆ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାର ସମ୍ବେଦନଶୀଳ ଗ୍ରାମ ଏବଂ ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳମାନଙ୍କରେ ଏକ୍ସରେ ସ୍କ୍ରିନିଂ ଦ୍ୱାରା କରାଯିବ।ଏଥିସହ ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କୁ ନିକ୍ଷୟ ପୋଷଣ ଯୋଜନାରେ ସରକାରଙ୍କ ପକ୍ଷରୁ ଚିକିତ୍ସା ଅବଧି ସମୟରେ ପ୍ରତିମାସରେ ୧୦୦୦ ଟଙ୍କା ଦିଆଯିବାର ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା)ଡ.ନିହାରେନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ। ପାଠୋ ଡିଟେକ୍ଟ ନାମକ ଏକ ନୂତନ ମେସିନ ଭାରତ ସରକାର ଓଡ଼ିଶାରେ କେବଳ ଗୋଟିଏ ଜିଲ୍ଲା କଳାହାଣ୍ଡି କୁ ଦେବେ ଯାହା ଜଟିଳ ଯକ୍ଷ୍ମା ନିରୂପଣରେ ଆହୁରି ସହାୟକ ହେବ ବୋଲି କହିଥିଲେ। ପ୍ରତ୍ୟେକ ଗ୍ରାମରେ ସମ୍ବେଦନଶୀଳ ବ୍ୟକ୍ତିମାନଙ୍କର ଯକ୍ଷ୍ମା ରୋଗ ନିଦାନ କରାଯିବାର ବ୍ୟବସ୍ଥା ସହ ମଧୁମେହ ପରୀକ୍ଷା, ହିମୋଗ୍ଲୋବିନ୍ ବ୍ୟବସ୍ଥା ଏହି ଅଭିଯାନ ମାଧ୍ୟମରେ କରାଯିବ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ହରେକୃଷ୍ଣ ଶତପଥିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍‌ଟିଏସ ସଞ୍ଜୟ ମୁଣ୍ଡ, ସମ୍ବିତ ରଥ ଓ ଅଜିତ ଆଚାର୍ଯ୍ୟ, ଆଶାକର୍ମୀ ବିଶାଖା ମାଝୀ, ସବିତା ନାଏକ, ଚମ୍ପା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଯକ୍ଷ୍ମାମୁକ୍ତ ପଞ୍ଚାୟତ ଗୁଡିକ ମଧ୍ୟ ସମ୍ମାନିତ କରାଯାଇଥିଲା। ଯେଉଁଥିରେ ଜଣେ ୱାର୍ଡ କାଉନସିଲର ଭବାନୀପାଟନା ପୌରପାଳିକାର, ଜିଲ୍ଲାର କିଛି ସର ପଞ୍ଚ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଡାକ୍ତର ରାକେଶ କୁମାର ସାହୁ, ଡ. ଶତ୍ରୁଘ୍ନ ଟୁଡୁ, ଡ. ପିଏସ ବିଶ୍ୱାସ, ଡ.ଶାନ୍ତନୁ କୁମାର ସାହୁ, ବିବେକାନନ୍ଦ ମହାନନ୍ଦ, ଦିଲୀପ କୁମାର ଦୁବେ, ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଯକ୍ଷ୍ମା) ପ୍ରବୀଣ କୁମାର ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ସମୀକ୍ଷା ବୈଠକ

**ନୂଆପଡ଼ା, ୨୫ ।୩(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଓ ମିଶନ ଶକ୍ତିର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ୟାଙ୍କ ଲିଙ୍କେଜ ସ୍ଥିତି ଓ ଅନ୍ୟାନ୍ୟ କାର୍ଯ୍ୟାବଳୀର ସମୀକ୍ଷା କରାଯାଇଥିଲା ।ଜିଲ୍ଲାରେ ସମୁଦାୟ ୫୪୪୦ ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ଥିବାବେଳେ ୫୬୪୧ ଟି (୧୦୩ ପ୍ରତିଶତ) ଚାଲିଛି। ଏହାସହ ୨୨୧ କୋଟି ୫୪ ଲକ୍ଷ ଟଙ୍କା ଆର୍ଥିକ ଲକ୍ଷ୍ୟ ଥିଲାବେଳେ ୨୮୬ କୋଟି ୬ ଲକ୍ଷ ଟଙ୍କା ବିତରଣ କରାଯାଇଛି। ଯାହାକି ସୁଦାୟ ଟାର୍ଗେଟର ୧୨୯.୧୨ ପ୍ରତିଶତ ଅଟେ। ଜିଲ୍ଲାପାଳ ବୈଠକରେ ସମସ୍ତ ଯୋଜନାରେ ୧୦୦ ପ୍ରତିଶତ ସଫଳତା ହାସଲ କରିବାକୁ ଓ ନୂଆପଡ଼ା ଜିଲ୍ଲାକୁ ରାଜ୍ୟରେ ନମ୍ବର ୧ କରିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେ ବ୍ୟାଙ୍କ ଲିଙ୍କେଜକୁ ଆହୁରି ସୁଦୃଢ଼ କରିବାକୁ ମଧ୍ୟ ଜୋର ଦେଇଥିଲେ। ଏହି ଅବସରରେ ଦୁଇଜଣ ଲକ୍ଷପତି ଦିଦି ଜାନକୀ ରାଉତ (ଜୟ ହନୁମାନ ଏସ୍ଏଚ୍‌ଜି, ଇଚ୍ଛାପୁର) ଓ ପୂଜା ନିଆଳ (ମା'ତାରିଣୀ ଏସ୍ଏଚ୍‌ଜି, କାଣ୍ଡେତରା)ଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ, ଲିଡ୍ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଳ, ବ୍ଲକ ପ୍ରକଳ୍ପ ସଂଯୋଜକ ଧନୀରାମ ଶବର ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଶାସନିକ ଅବହେଳାରୁ ଅନ୍ଧାରରେ ଶିକ୍ଷାର୍ଥୀଙ୍କ ଭାଗ୍ୟ**

# ଦୁଇ ଦିନ ହେଲା ସ୍କୁଲ ଆସୁନାହାନ୍ତି ବିଦ୍ୟାର୍ଥୀ

**କୋକସରା, ୨୫ ।୩(ସମିସ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଦୁଇ ଦିନ ହେଲା କୌଣସି ଛାତ୍ରଛାତ୍ରୀ ସ୍କୁଲ ଆସୁନାହାନ୍ତି। ଏଣେ ସମସ୍ୟାର ସମାଧାନ ଦିଗରେ ପ୍ରଶାସନିକ ଅବହେଳା ଯୋଗୁଁ ଶିକ୍ଷା

**ସମସ୍ୟା ସମାଧାନ ପାଇଁ ଆସୁନାହାନ୍ତି ଅଧିକାରୀ**

ବର୍ଷ ଆରମ୍ଭରୁ ଶିକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି ଛାତ୍ରଛାତ୍ରୀ। ମଙ୍ଗଳବାର ଠାରୁ ନୂତନ ସ୍କୁଲ ଗୃହ ନିର୍ମାଣ ଦାବି କରି ଛାତ୍ରଛାତ୍ରୀଙ୍କ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ ଯିବା ବନ୍ଦ କରିଦେଇଛି। ଯାହାଫଳରେ ବିଦ୍ୟାଳୟ ଖୋଲା ରହୁଥିଲେ ମଧ୍ୟ କୌଣସି ଛାତ୍ରଛାତ୍ରୀ ସ୍କୁଲ ଆସୁ ନାହାନ୍ତି। ଏଣେ ବିଦ୍ୟାଳୟର ଶିକ୍ଷକମାନେ ଏନେଇ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିକୁ ପିଲାଙ୍କୁ ସ୍କୁଲ ପଠାଇବା ପାଇ ଅନୁରୋଧ କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ରହିଛନ୍ତି। ଯେ' ପର୍ଯ୍ୟନ୍ତ ନୂତନ ସ୍କୁଲ ଗୃହ ନିର୍ମାଣ ନ ହେବ ସେତେ ଦିନ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲ ଛାଡିବା ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି। ଏ ବିଷୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭିକାରୀ ତାଣ୍ଡି ଗୋଷ୍ଠୀ ଶିକ୍ଷା ବିଭାଗକୁ ଲିଖିତ ଭାବରେ ଅବଗତ କରିଥିବା କହିଛନ୍ତି। ଘଟଣାର ଦୁଇଦିନ ପରେ ମଧ୍ୟ ଶିକ୍ଷା ବିଭାଗ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ସମାଧାନ କରିବା ପାଇଁ ସ୍କୁଲକୁ ଆସି ନଥିବା ବେଳେ ଅନ୍ଧାରରେ ରହିଛି ଶିକ୍ଷାର୍ଥୀଙ୍କ ଭାଗ୍ୟ। ସୂଚନା ଯେ' ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୧୬୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଶିକ୍ଷାଦାନ ଲାଗି ଶିଶୁ ସେବିକା ସହିତ ପଞ୍ଚ ଜଣ ଶିକ୍ଷକ ରହିଛନ୍ତି। ଦିର୍ଘ ବର୍ଷରୁ ବିଦ୍ୟାଳୟର ଶ୍ରେଣୀ ଗୃହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏଥିପାଇଁ ୯ଟି ଶ୍ରେଣୀର ଛାତ୍ରଛାତ୍ରୀ ପିଇଓ କ୍ୱାଟର ଓ କଲ୍ୟାଣ ମଣ୍ଡପରେ ଠେଲାପେଲା ଭିତରେ ପାଠ ପଢୁଛନ୍ତି। ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ସ୍କୁଲ ପରିଚାଳନା କମିଟି ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସମସ୍ୟାର ସମାଧାନ କରିବା ଦିଗରେ ବର୍ଷ ବର୍ଷ ଧରି ଅଭିଯୋଗ କରି ନିରାଶ ହେବା ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟି ଓ ଭବିଷ୍ୟତକୁ ଆଖି ଆଗରେ ରଖି ସେମାନଙ୍କ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଘଟଣାର ଦୁଇଦିନ ପରେ ମଧ୍ୟ ଶିକ୍ଷା ବିଭାଗ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ସମାଧାନ କରିବା ପାଇଁ ଆସୁ ନଥିବାରୁ ଗ୍ରାମବାସୀ ଓ ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।



# ଶିଶୁ ସଂଘ ତରଫରୁ ଭଲିବଲ୍ ପ୍ରତିଯୋଗିତା




**ଥୁଆମୂଳରାମପୁର, ୨୫ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ବିରିକୋଟ ପଞ୍ଚାୟତର ସୁକସାନ ଗ୍ରାମରେ ରେଣ୍ଡୋମାଝୀ ଶିଶୁ ସଂଘ ପକ୍ଷରୁ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ମିଳିଥିବା 'ଚିଲ୍ଡ୍ରେନ୍ ୱାଲେଟ' ଅନୁଦାନକୁ ଉପଯୋଗ କରି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଦାବ୍ରିଗୁଡ଼ା, ବଲଙ୍ଗି, ବଡଛତ୍ରଙ୍ଗ, ସୁକସାନ, ବିରିକୋଟ, ତାସିଗୁଡା, କେନ୍ଦୁପଡ଼ା ଓ ଗୋଦ୍ରାମସ୍କା ଗ୍ରାମର ଶିଶୁ ସଂଘମାନେ ଅଂଶଗ୍ରହଣ କରିଥିଲେ।ପ୍ରତିଯୋଗିତାରେ ଦାବ୍ରିଗୁଡ଼ାର ମା'ମାଣିକେଶ୍ୱରୀ ଶିଶୁ ସଂଘ ବିଜେତା ହୋଇଥିବା ବେଳେ, ସୁକସାନ ଗ୍ରାମର ରେଣ୍ଡୋମାଝୀ ଶିଶୁ ସଂଘ ଉପବିଜେତା ହୋଇଥିଲା। ବିଜେତା ଦଳକୁ ରେଣ୍ଡୋମାଝୀ ଶିଶୁ ସଂଘର ପ୍ରଧାନମନ୍ତ୍ରୀ ଚାକ୍ରୀ ମାଝୀଙ୍କ ହସ୍ତରେ ଟ୍ରଫି ସହ ୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି, ଉପବିଜେତା ଦଳକୁ ଶିଶୁ ସଂଘର କ୍ରୀଡ଼ା ମନ୍ତ୍ରୀ ଅଞ୍ଜଳି ମାଝୀ ୩୦୦ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ରେଣ୍ଡୋମାଝୀ ଶିଶୁ ସଂଘର ପ୍ରଧାନମନ୍ତ୍ରୀ ଚାକ୍ରୀ ମାଝୀ, କ୍ରୀଡ଼ା ମନ୍ତ୍ରୀ ଅଞ୍ଜଳି ମାଝୀ, ଘାସିରାମ ମାଝୀ, ସାଂସ୍କୃତିକ ମନ୍ତ୍ରୀ ବନିତା ମାଝୀ, ଶିକ୍ଷା ମନ୍ତ୍ରୀ ରଞ୍ଜନ ନାଏକ ସହ ଜିତୁ ମାଝୀ, ରଞ୍ଜିତା ମାଝୀ, ଚନ୍ଦନ ମାଝୀ, ସୁକାନ୍ତି ମାଝୀ, ନବୀନ ମାଝୀ ଓ ସୁବ୍ରନା ମାଝୀ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

**ବିକାଶ ଖୋଜୁଛି ମାକରଗୁଡ଼ା**

# ୧୫ କିଲୋମିଟର ଗଲେ ପଡ଼େ ଗାଁ

**ସିନାପାଲି, ୨୫ ।୩ (ସମିସ)**

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହି ଦୟନୀୟ ଜୀବନଯାପନ କରୁଥିବା ବେଳେ ଆଜିବି ବିକାଶ ଅପହଞ୍ଚ ହୋଇ ରହିଛି । ସରକାରିସ୍ତରରେ ଏତେ ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ ଗାଁରେ ପହଞ୍ଚି ପାରିନି ଆବଶ୍ୟକୀୟ ମୌଳିକ ସୁବିଧା । ଏଭଳି ଏକ ଗାଁ ହେଉଛି ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କରଣବାହାଲି ପଞ୍ଚାୟତର ଚାନ୍ଦେଲ ରାଜସ୍ୱ ଗାଁ ଅଧୀନରେ ରହିଥିବା ମାକରଗୁଡ଼ା । ଏହି ଗାଁର ରାଜସ୍ୱ ଗାଁ ଠାରୁ ଦୂରତା ୧୩ କିଲୋମିଟର ରହିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ୧୫ କିଲୋମିଟର ଦୂରରେ ଅବସ୍ଥିତ । ତାହା ପୁଣି ଝାରବନ୍ଧ ପଞ୍ଚାୟତ ଡେଇଁ କି ଗଲେ ଶେଷ ସୀମାନ୍ତରେ ଅବସ୍ଥିତ । ସେପଟେ ଛତିଶଗଡ଼ର ନାଗେଶ ପାହାଡ ପାଦଦେଶରେ ଅବସ୍ଥିତ ଏହି ଗାଁରେ ଅନେକ ସମସ୍ୟା ଲାଗି ରହିଛି । ଏହି ପଡ଼ା ଗ୍ରାମରେ ୨୦ଟି ପରିବାରର ପ୍ରାୟ ୧୦୦ଜଣ ଲୋକ ବସବାସ କରୁଥିବା ବେଳେ ସମସ୍ତେ ଆଦିବାସୀ ଶ୍ରେଣୀର । ଗରୀବ ଶ୍ରେଣୀର ହୋଇଥିବା ବେଳେ ଆଜିବି ଦାରିଦ୍ର୍ୟ ସୀମାରେଖା ତଳେ ରହି ଦୁଃସ୍ଥ ଜୀବନଯାପନ କରୁଛନ୍ତି । ଜଙ୍ଗଲରୁ ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରି ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଛନ୍ତି । ହେଲେ ବିଡମ୍ବନା ଆଜି ପର୍ଯ୍ୟନ୍ତ ଗାଁରେ ଯେଉଁଭଳି ବିକାଶ ହେବା କଥା ତାହା ହୋଇ ପାରି ନାହିଁ । ଗାଁକୁ ଯିବା ପାଇଁ ରାସ୍ତାଟିଏ ନ ଥିବା ବେଳେ ଜମି ହୁଡାଦେଇ ପାଦ ଚଲା ରାସ୍ତାରେ ଯିବା ଆସିବା କରୁଛନ୍ତି । ରାସ୍ତା ନିର୍ମାଣ ପାଇଁ ସରକାରୀସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ତରଫରୁ ଆନ୍ତରିକତା ଦେଖାଇ ନାହିଁ । ବର୍ଷା ଋତୁ ସମୟରେ ଗମନାଗମନରେ ପ୍ରତିବନ୍ଧକ ସୃଷ୍ଟି ହୋଇ ସମ୍ପୂର୍ଣ୍ଣ ଯୋଗାଯୋଗରେ ଏକ ପ୍ରକାର ବିଚ୍ଛିନ୍ନ ହୋଇପଡେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ସେହିପରି ଗାଁକୁ ଗାଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ହେଲେ ଏହି ଗାଁ ଲୋକେ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ଗାଁରେ ଥିବା ଗୋଟିଏ ନଳକୂପ ଉପରେ ନିର୍ଭରଶୀଳ ଥିବା ବେଳେ ନଳକୂଅରୁ ମଧ୍ୟ ନାଲି ପାଣି ନିଷ୍କାସିତ ହେଉଛି । ଯାହା ଫଳରେ ଅନେକ ରୋଗର ଶୀକାର ହେଉଛନ୍ତି । ହେଲେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ୍ୟ ହୋଇ ଦୂଷିତ ପାଣି ପିଇବାକୁ ପଡୁଛି । ଏହି ଗାଁ ଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ । କିନ୍ତୁ ପାଖରେ ୫ କିଲୋମିଟର ଦୂରରେ ରହିଛି ଝାରବନ୍ଧ ପଞ୍ଚାୟତ । ଗ୍ରାମବାସୀଙ୍କ କହିବା ଅନୁସାରେ ୧୯୯୬ ମସିହା ପୂର୍ବରୁ ବର୍ତ୍ତମାନର ଝାରବନ୍ଧ ପଞ୍ଚାୟତର ଗାଁ ଗୁଡିକ କରଣବାହାଲି ପଞ୍ଚାୟତ ଅନ୍ତର୍ଗତ ରହିଥିଲା ।ପଞ୍ଚାୟତ ବିଭାଜନ ପରେ ମାକରଗୁଡାକୁ ଛାଡ଼ି ଝାରବନ୍ଧ ନୂତନ ପଞ୍ଚାୟତ ଗଠନ ହେଲା ଯାହା ଫଳରେ ଆମେ ପୁରୁଣା କରଣବାହାଲି ପଞ୍ଚାୟତରେ ରହିଗଲା ବୋଲି ଗ୍ରାମର ଜନସାଧାରଣ ପ୍ରକାଶ କରିଛନ୍ତି । ଝାରବନ୍ଧ ପଞ୍ଚାୟତର ମାଳପଡ଼ା ଗାଁ ଠାରୁ ଏହି ଗାଁର ଦୂରତା ମାତ୍ର ୨୦ମିଟର ଦୂରରେ ଅବସ୍ଥିତ । ହେଲେ ପଞ୍ଚାୟତର ଦୂରତା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । ସରକାରଙ୍କ ତରଫରୁ ସୀମା ନିର୍ଦ୍ଧାରଣ କରି ନିକଟରେ ଥିବା ଝାରବନ୍ଧ ପଞ୍ଚାୟତରେ ସାମିଲ କରାଗଲେ ଏହି ଗାଁର ବିକାଶ କ୍ଷେତ୍ରରେ ବିଶେଷ ଉନ୍ନତି ହୋଇପାରିବ ବୋଲି ଲୋକେ ଆଶାବ୍ୟକ୍ତ କରିଛନ୍ତି । ଗାଁରେ ପ୍ରାକ୍ ଶିକ୍ଷା ପାଇଁ କୋମଳମତି ଶିଶୁମାନେ ନିକଟରେ ଥିବା ଝାରବନ୍ଧ ପଞ୍ଚାୟତର ମାଳପଡ଼ାରୁ ଖାଦ୍ୟ ଗ୍ରହଣ କରୁଛନ୍ତି । ଗ୍ରାମର ଅନେକ ନିରୀହ ଯୋଗ୍ୟ ଆଦିବାସୀଙ୍କୁ ଭତ୍ତା ପ୍ରଦାନ ଦିଗରେ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ସ୍ୱାମୀଙ୍କ ମୃତ୍ୟୁବରଣ କରିଥିବାର ଇତି ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଧବା ମହିଳା ପଦ୍ମିନୀ ମାଝି ଓ ନାରଙ୍ଗୀ ମାଝି ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ସେହିପରି ମହାଦେବ ମାଝି, ମୋହନ ମାଝି ସମେତ ଅନେକ ବୟସ ର ଅପରାହ୍ନ ରେ ଉପନୀତ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ସେହିପରି ଗ୍ରାମର ଅନେକ ଜନସାଧାରଣ





### ରାସ୍ତା, ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ

ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ଓ ସାଧାରଣ ନିର୍ବାଚନ ସମୟରେ ୨୦ରୁ ଉର୍ଦ୍ଧ୍ୱଲୋକ ମତଦାନ ସାବ୍ୟସ୍ତ କରିବାରୁ ବଞ୍ଚିତ ରହିଛନ୍ତି । ତାଙ୍କର ଭୋଟର ତାଲିକାରେ ନାମ ନ ଥିବାରୁ ଭୋଟ ଦେବାରୁ ବଞ୍ଚିତ ହୋଇଥିଲେ । ଏମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଭୋଟର ତାଲିକାରେ ସଂଶୋଧନ କରାଯାଇ ସାମିଲ କରାଗଲେ ଭୋଟ ଦେବା ଅଧିକାର ପାଇବେ ବୋଲି ମତ ପ୍ରକାଶ ପାଇଛି । ଏହି ଗାଁ ଛତିଶଗଡ଼ ସୀମାରେ ରହିଥିବା ବେଳେ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହିଛନ୍ତି । ଗାଁ ସମସ୍ୟା ସମାଧାନ କରିବା ଦିଗରେ ପ୍ରଶାସନ ଅଧିକାରୀ କେତେ ତତ୍ପରତା ଦେଖାଉଛି ଓ ଏକ ବିକଶିତ ଗାଁ ଗଢି ତୋଳିବାରେ କେତେଦୂର ସଫଳ ହେଉଛି ତାକୁ ନେଇ ଅପେକ୍ଷା କରିଛନ୍ତି ଗ୍ରାମବାସୀ ।

**ରବି ଧାନ ପଞ୍ଜୀକରଣର ଆଜି ଶେଷ ଦିନ**

# ଖୋଲୁନି ଉଠା ଜଳସେଚନ ସାଇଟ୍

**ଜୟପାଟଣା, ୨୫ ।୩(ସମିସ):** ଖରିଫ ଋତୁରେ ଧାନ ବିକ୍ରିକୁ ନେଇ ଚାଷୀ ଯେଉଁ ଦୁର୍ଦ୍ଦଶା ଭୋଗିଥିଲେ । ରବି ଋତୁରେ ମଧ୍ୟ ସମାନ ପରିସ୍ଥିତିର ପୁନରାବୃତ୍ତି ଦେଖିବାକୁ ମିଳିଛି । ରବି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଶେଷ ଦିନଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ, ଉଠା ଜଳସେଚନ ମାଧ୍ୟମରେ ଚାଷ କରିଥିବା ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସାଇଟ୍ ଆଜି ପର୍ଯ୍ୟନ୍ତ ଖୋଲିଲା ନାହିଁ ।ଫଳରେ ଶହ ଶହ ଚାଷୀ ପଞ୍ଜିକରଣ କରିବାରୁ ବଞ୍ଚିତ ହୋଇ ଗଭୀର ନିରାଶା ପ୍ରକଟ କରିଛନ୍ତି । ସରକାରୀ ସ୍ତରରେ ବ ବାରମ୍ବାର ଦାବି ସତ୍ତ୍ୱେ ବୈଷୟିକ ତ୍ରୁଟି ସୁଧାରିବାରେ ବିଭାଗ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଧାନ ବିକ୍ରି ପାଇଁ ପଞ୍ଜିକରଣ ନହେଲେ ଚାଷୀ ମାନେ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେବେ, ଯାହା ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେବ । ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ପଞ୍ଜିକରଣ ଅବଧି ବୃଦ୍ଧି କରିବାକୁ ସାଧାରଣରେ ଦାବି ହୋଇଛି । ନିରୀହ ଚାଷୀଙ୍କୁ ହଇରାଣ ନକରି ସେମାନଙ୍କ ଉତ୍ପାଦିତ ଶସ୍ୟର ସଠିକ୍ ମୂଲ୍ୟ ପ୍ରଦାନ କରିବାକୁ ଚାଷୀ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଉପନିର୍ବାଚନ ସୁପରିଚାଳନା ପାଇଁ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା, ୨୫ ।୩ (ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ୨୦୨୫ର ସଫଳ ପରିଚାଳନା ପାଇଁ ଆଜି ଜିଲ୍ଲାପାଳ ତଥା



ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ୧୦୮ ଜଣ କର୍ମଚାରୀଙ୍କୁ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଛନ୍ତି । ଜିଲ୍ଲାପାଳ ତାଙ୍କର ବାର୍ତ୍ତାରେ ପ୍ରଶାସନର ଅନ୍ୟନାମ ହେଉଛି ଗତିଶୀଳତା ଓ ସମ୍ବେଦନଶୀଳତା । କଷ୍ଟସାଧ୍ୟ ପରିସ୍ଥିତି ସତ୍ତ୍ୱେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବାରେ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, ଦଳଗତ ମନୋଭାବ ଓ ଦିନରାତି ପରିଶ୍ରମ ଅତ୍ୟନ୍ତ ପ୍ରଶଂସନୀୟ ଥିଲା ବୋଲି କହିଥିଲେ । ନୂଆପଡ଼ା ଜିଲ୍ଲା ପ୍ରଶାସନ ନିର୍ବାଚନ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟସ୍ତରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପୁରସ୍କାର ଲାଭ କରିଥିବା ସହ ରାଜ୍ୟସ୍ତରରେ ମଧ୍ୟ ସମ୍ମାନିତ ହୋଇଛି । ସେହି ଜାତୀୟ ଶ୍ରେଷ୍ଠ ନିର୍ବାଚନ ପରିଚାଳନା ପୁରସ୍କାରକୁ ସମସ୍ତ ନିର୍ବାଚନ କର୍ମଚାରୀଙ୍କୁ ଉତ୍ସର୍ଗ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଡେପୁଟି କଲେକ୍ଟର ଶେଖ ନସିମ (ନିର୍ବାଚନ) ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରକୁ ଓଏସ୍ଆରଟିସି ବସ୍ ଚଳାଚଳ ଦାବି

**ଥୁଆମୂଳରାମପୁର, ୨୫ ।୩ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁରରୁ ଭୁବନେଶ୍ୱରକୁ ଯାଉଥିବା ଓଏସ୍ଆରଟିସି ବସ୍ ସେବାକୁ ପୁନର୍ବାର ଚାଲୁ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବି ଉଠିଛି । ଏନେଇ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜଳନ୍ଧର ନାଏକ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଅନୁରୋଧପତ୍ର ଦେଇଛନ୍ତି । ପ୍ରାୟ ଦୁଇ ବର୍ଷ ପୂର୍ବରୁ ଥୁଆମୂଳ ରାମପୁରରୁ ଭୁବନେଶ୍ୱରକୁ ସରକାରୀ ବସ୍ ସେବା ଚାଲୁ ରହିଥିଲା ଏବଂ ସେହି ବସ୍‌ରେ ଯାତ୍ରୀ ସଂଖ୍ୟା ମଧ୍ୟ ଠିକ୍ ଠାକ୍ ଥିଲା । କିନ୍ତୁ ହଠାତ୍ ୨୦୨୫ ମସିହାରୁ ବସ୍‌ସେବା ବନ୍ଦ ହୋଇଯାଇଛି । ଥୁଆମୂଳରାମପୁର କଳାହାଣ୍ଡି ଜିଲ୍ଲାର ଏକ ଅତ୍ୟନ୍ତ ପଛୁଆ ଓ ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଏଠାର ଅଧିକାଂଶ ଲୋକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର । ସେମାନେ ବସ୍ ସେବା ମାଧ୍ୟମରେ ସେମାନେ ସରକାରୀ କାର୍ଯ୍ୟ, ଚିକିତ୍ସା ଓ ଶିକ୍ଷା ସମ୍ବନ୍ଧୀୟ କାମ ପାଇଁ ସିଧାସଳଖ ଭୁବନେଶ୍ୱର ସହିତ ସଂଯୋଗ ରଖୁଥିଲେ । ବସ୍ ସେବା ବନ୍ଦ ହେବାରୁ ଥୁଆମୂଳ ରାମପୁର ଅଞ୍ଚଳର ଲୋକମାନେ ଭୁବନେଶ୍ୱର ଓ କଟକକୁ ଯିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଚିକିତ୍ସା ସେବା ଓ ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷା ପାଇଁ ଏହା ଗୁରୁତର ପ୍ରଭାବ ପକାଇଛି । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଅତ୍ୟାବଶ୍ୟକ ବୋଲି ଦାବି କରାଯାଇଛି ।

# ବିଶ୍ୱନାଥପୁର କୁଆଁଙ୍ଗବସା ଭିଆରଓରେ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ

**ଲାଞ୍ଜିଗଡ଼, ୨୫ ।୩(ସମିସ):** ଗ୍ରାମାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଶ୍ୱନାଥପୁର କୁଆଁଙ୍ଗବସା ଠାରେ ବିଭିନ୍ନ ସମୟରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଭିଆରଓ ପକ୍ଷରୁ ପ୍ରଦାନ କରାଯାଉଛି । ପ୍ରତିଷ୍ଠା ଲାଭ କରିବା ଗ୍ରାମ୍ୟ ପୁନଃ ନିର୍ମାଣ ସଂସ୍ଥା ନିକଟସ୍ଥ ଗ୍ରାମ ଗୁଡ଼ିକରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ମହିଳା ଓ ଯୁବତୀଙ୍କୁ ସିଲେଇ, ଫିନାଇଲ ପ୍ରସ୍ତୁତି ସହ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିଆସୁଛି ଭିଆରଓ ।ସେହିପରି ଚଳିତ ବର୍ଷ ବିଶ୍?ନାଥପୁର କୁଆଁଙ୍ଗବସା ଠାରେ ପାର୍ବତୀ ମହାରଣାଙ୍କ ନେତୃତ୍ୱରେ ପ୍ରତାପପୁର ଠାରେ ରୀତା ଦଣ୍ଡସେନା, ମେଲଘୁଟୁରେ ଗାୟତ୍ରୀ କରୁଆଁ, ଦୁର୍ଭଟ୍ଟା ନମିତା ତାଣ୍ଡି, ସାଙ୍କୁଲି ପଦରରରେ କରିନା ଗଣ୍ଡା, କାଠସମାରେ ଦମୟନ୍ତୀ ମାଝୀ, ଡୁମେରମୁଣ୍ଡାରେ ପଦ୍ମିନୀ ବେହେରା, ଇଜୁରୁପାରେ ମାନିନୀ ବେହେରା, ଭିର୍କାପଡ଼ାରେ ମିନର୍ଭା ସାହୁଙ୍କ ଅଧିନରେ ଦଶ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ ।ଏନେଇ ସୋମବାର ଉକ୍ତ ବିଶ୍ୱନାଥପୁର କୁଆଁଙ୍ଗବସା ଠାରେ ସଂଯୋଜିକା ପାର୍ବତୀ ମହାରଣାଙ୍କ ସଭାପତିତ୍ୱରେ ଏକ ବାର୍ଷିକ ପ୍ରମାଣ ପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂସ୍ଥାର ଆଞ୍ଚଳିକ ମହାପ୍ରବନ୍ଧକ ଫାଦର ଜର୍ଜ ଆନ୍ଟୋନୀ, କମଳାକାନ୍ତ ରାଜ୍, ଫାଦର ମାରିଆନୟଗମ୍, ମିଷ୍ଟର ଫିଟର ବସ୍କୋ ସମେତ ମିସ୍ ନିର୍ମଳା ଯୋଗଦେଇ ସମସ୍ତ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଶେଷରେ ସଂଯୋଜିକା ପାର୍ବତୀ ମହାରଣା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ସିନାପାଲି ସହରରେ ପାନୀୟଜଳ ସମସ୍ୟା**

# ଗରା, ମାଠିଆ ଧରି ବ୍ଲକ୍ ଅଫିସ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

**ସିନାପାଲି, ୨୫ ।୩ (ସମିସ):** ସିନାପାଲି ସହରରେ ପଡ଼ାରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଦେଖାଦେଇ ଥିବାବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏନେଇ ସହରର ବାହାଲପଡ଼ାର ମହିଳାମାନେ ଏକତ୍ରିତ ହୋଇ ବ୍ଲକ ଅଫିସ ସମ୍ମୁଖରେ ଗରା ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି । ପ୍ରାପ୍ତ ଖବର ଅନୁସାରେ ଆଜକୁ ପ୍ରାୟ ଦୀର୍ଘ ଦିନ ହେବ ବାହାଲପଡ଼ାରେ



ପାନୀୟଜଳ ସମସ୍ୟା ଦେଖାଦେଇଛି । ଏଠାରେ ଥିବା ନଳକୂପ ମରାମତି ଅଭାବରୁ ଅଚଳ ହୋଇ ପଡ଼ିଛି । ସେହିପରି ଏଠାକୁ ପାଇପ ଲାଇନ୍ ଯୋଗେ ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିଛି । ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରିନଥିବା ପ୍ରକାଶ କରିଛନ୍ତି । ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରି ପ୍ରକଳ୍ପ ମାନ ନିର୍ମାଣ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି । ଏନେଇ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍ଥାନୀୟ ମହିଳା ମାନେ ଏକତ୍ରିତ ହୋଇ ଗରା ମାଠିଆ ଧରି ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଦାବିକରି ନାରାବାଜି କରିଥିଲେ । ଦୀର୍ଘ ସମୟପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ସାହୁ ଧାରଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ଏକ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ କାରୀ ଶାନ୍ତ ହୋଇପଡ଼ିଥିଲେ । ସୂଚନା ଯୋଗ୍ୟ ଯେ ସିନାପାଲି ସଦରରେ ଯଦି ଏଭଳି ପାନୀୟ ଜଳ ସମସ୍ୟା ଦେଖାଯାଏ, ତେବେ ଉପାନ୍ତ ତଥା ଗ୍ରାମାଞ୍ଚଳରେ ପାନୀୟଜଳ ସମସ୍ୟା ଅବସ୍ଥା କିଭଳି ଥିବ । ସେନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଡିଗ୍ରୀ କଲେଜର ଏନ୍ଏସ୍ଏସ ଶିବିର ଉଦ୍ଯାପିତ




**କୋକସରା, ୨୫ ।୩ (ସମିସ) :** କୋକସରା ବ୍ଲକ ସଦର ମହକୁମାସ୍ଥିତ ଡିଗ୍ରୀ କଲେଜ ତରଫରୁ ଗମ୍ଭାରୀଗୁଡା ପଞ୍ଚାୟତର ଆଁଳାଗୁଡା ଠାରେ ଗତ ୭ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ(ଏନ୍ଏସ୍ଏସ) ବୁଧବାର ଉଦ୍ଯାପିତ ହୋଇଛି । ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର ଅଧ୍ୟକ୍ଷତା କରିଥିଲେ । ଶିବିର ୭ ଦିନ ଧରି ଅନୁଷ୍ଠିତ ହେଇଥିବା ବେଳେ ସ୍ୱାସ୍ଥ୍ୟ, ଆଖି, ଫାୟାର, ସଫେଇଇତ୍ୟାଦି ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ ପଟ୍ଟନାୟକ, ଜଗନ ଚାନ୍ଦନି, ଅଧ୍ୟାପିକା ଶୁଭଶ୍ରୀ ସାହୁ, ବେଦମୟୀ ବାରିକ, କର୍ମଚାରି ପୁଷ୍ପିତା ବିଶି ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପିକା କନକମଞ୍ଜୁରୀ ବେହେରା ଶିବିର ପରିଚାଳନା କରିଥିଲେ ।

# ଗୋବର୍ଦ୍ଧନପୁର ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ଲାଞ୍ଜିଗଡ଼, ୨୫ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତସ୍ଥିତ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ଦୁଇଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍ଯାପିତ ହୋଇଯାଇଛି । ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଉଦ୍ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ




ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିକୁଞ୍ଜ କୁମାର ବୁଦ୍ଧିଆ ମଞ୍ଚାସିନ ଥିଲେ । ଏଥିରେ ଶିକ୍ଷାଦାନ ଶୈଳୀକୁ ଅଧିକ ସରଳ ଓ ପ୍ରଭାବଶାଳୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୮ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ କର୍ମଶାଳାରେ ଯୋଗ ଦେଇଥିଲେ । ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟଭିତ୍ତିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା । ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନକୁ ସୁଦୃଢ଼ କରିବା ସହ ଶ୍ରେଣୀ ଗୃହରେ ଶିକ୍ଷାଦାନକୁ ସରଳ, ଆକର୍ଷଣୀୟ ଓ ଦୀର୍ଘସ୍ଥାୟୀ କରିବା କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ।ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେର କର୍ମଶାଳା ଶିକ୍ଷକମାନଙ୍କୁ ଆଧୁନିକ ଓ କୁଶଳୀ ଶିକ୍ଷାଦାନ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କହିବା ସହିତ ଶିକ୍ଷକମାନଙ୍କୁ ସାମଗ୍ରୀ ପ୍ରସ୍ତୁତିରେ ଉପଯୁକ୍ତ ମାର୍ଗଦର୍ଶନ ଦେଇଥିଲେ । ଶିକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତି ସାମଗ୍ରୀଗୁଡ଼ିକ ଆଗାମୀ ଦିନରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି । କର୍ମଶାଳାର ସଫଳ ଆୟୋଜନ ପାଇଁ ସମସ୍ତ ପ୍ରତିଭାଗୀଙ୍କୁ କ୍ଲଷ୍ଟର ସଂଯୋଜକ ଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ ।

# ମୃତ ଡ୍ରାଇଭରଙ୍କ ପରିବାରକୁ ମହାସଂଘର ସହାୟତା



**ଖଡ଼ିଆଳ, ୨୫ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ଖଡିଆଳ ଶାଖା ପକ୍ଷରୁ ଡ୍ରାଇଭର ବିଷ୍ଣୁ ହଂସଙ୍କ ମୃତ୍ୟୁ ନେଇ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସମସ୍ତ ଡ୍ରାଇଭର ସଦସ୍ୟ ଏକାଠି ହୋଇ ଶୋକ ସଭାର ଆୟୋଜନ କରିଥିଲେ । ଶୋକ ବ୍ୟକ୍ତ କରିବା ସହ ନୀରବ ପ୍ରାର୍ଥନା କରିଥିଲେ । ପରେ ଶୋଭାଯାତ୍ରାରେ ବାହାରି ବିଷ୍ଣୁ ହଂସ ଆମର ରହେ ନାରା ଦେଇ ତାଙ୍କ ଘର ପର୍ଯ୍ୟନ୍ତ ଯାଇଥିଲେ । ତାଙ୍କ ଦଶାହ କର୍ଯ୍ୟରେ ଯୋଗ ଦେଇ ପରିବାରକୁ ଦଶାହ ଦିନ ୩୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ନିଜ ସହକର୍ମୀ ଭାବରେ ସଂଘ ଉପସ୍ଥିତ ରହି ସମବେଦନା ଜଣାଇବା ସହ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପରିବାରଙ୍କୁ ଶକ୍ତି ଦେବା ପାଇଁ ପ୍ରାର୍ଥନା କରିଥିଲେ । ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଖୁର୍ସେଲଗୁଡ଼ା ଗାଁକୁ ମଦମୁକ୍ତ କରିବାକୁ ନିଷ୍ପତ୍ତି



**କୋକସରା, ୨୫ ।୩ (ସମିସ):** ଗାଁରେ ବେଆଇନ ଭାବେ ମଦ ରନ୍ଧା ଓ ବିକ୍ରୀ ଚାଲିଛି । ଯାହାଫଳରେ ଗାଁରେ ଅନେକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ସହିତ ବିଶୃଙ୍ଖଳା ଦେଖାଦେଉଛି । ଗାଁର ଅନେକ ଲୋକ ପଥଭ୍ରଷ୍ଟ ହେଉଛନ୍ତି ।ଏହାକୁ ନେଇ ବୁଧବାର କୋକସରା ବ୍ଲକ ଟେମରା ପଞ୍ଚାୟତର ଖୁର୍ସେଲଗୁଡାକୁ ମଦମୁକ୍ତ କରିବା ପାଇ ଗ୍ରାମର ମା'ବାସ୍ତରେନ ମାଉଲି ଯୁବ ଅନୁଷ୍ଠାନ, ମହିଳା ସଂଗଠନ ଓ ଗ୍ରାମବାସୀ ଏକତ୍ରିତ ହୋଇ ବୈଠକ କରିଛନ୍ତି । ଗାଁକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ନେଇ ଆଲୋଚନା ହୋଇଛି । କ୍ଷିରସିନ୍ଧୁ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋକସରା ଥାନାର ଏସ୍ଆଇ ରଶ୍ମି ରଞ୍ଜନ ବାଗ, ଟେମରା ସରପଞ୍ଚ କ୍ଷୀତିରାମ ପାତ୍ର ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କ ସହିତ ଆଲୋଚନାରେ ଭାଗ ନେଇଥିଲେ । ସମସ୍ତେ ସହଯୋଗ କରିବା ପାଇଁ କହିଥିବା ଜଣାପଡ଼ିଛି । ଅନ୍ୟମାନଙ୍କ ମଧ୍ୟରେ ଯୁବକ ସଂଘର ସଭାପତି ଦିପକ କୁମାର ପୂଜାରୀ, ସମ୍ପାଦକ ଦିବାକର ପୁଝାରୀ, ନାରୀ ସଂଗଠନ ନାରିନେତ୍ରୀ ସରସ୍ୱତୀ ପୁଝାରୀ, ସମ୍ପାଦିକା ଭୁମୀସୁତା ବେହେରା, ସୋମନାଥ ସାହୁ, ୱାର୍ଡ ସଭ୍ୟ କେଶରୀ ପୁଝାରୀ, ବାସନ୍ତୀ ପୁଝାରୀ, ଶ୍ୟାମସୁନ୍ଦର ପାଲି, ଇଶ୍ୱର ବେହେରା, ଲିଙ୍ଗରାଜ ଲଦୁଆ ସମେତ ଗ୍ରାମର ଅନେକ ଯୁବକ, ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ଉନ୍ନୟନ ଓ ଗ୍ରାମ୍ୟୋଦୟ ବୈଠକ**

# ସମନ୍ୱୟ ମାଧ୍ୟମରେ ଦ୍ରୁତ ଉନ୍ନତି ଉପରେ ଗୁରୁତ୍ୱ

**ନୂଆପଡ଼ା, ୨୫ ।୩(ସମିସ)**

ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ନିଶ୍ଚିତ କରିବାକୁ ଜିଲ୍ଲାସ୍ତରୀୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପ ନିର୍ଦ୍ଦେଶକ



ପରିସଂଖ୍ୟାନ ଦିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ । ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ ।ବୈଠକରେ ପର୍ଯ୍ୟଟନ ବିଭାଗ ବିଭିନ୍ନ କାର୍ଯ୍ୟ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା ।ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳସେଚନ, ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଖେଳ ପଡ଼ିଆମାନଙ୍କୁ ଜମି ପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଏହାପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟୋଦୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଏପିଡି କ୍ଷମାନିଧି ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ବିଡ଼ିଓ, ତହସିଲଦାର, ଜିଲ୍ଲା ସ୍ତରୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ ।

